ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

# ବ୍ରହ୍ମପୁରରୁ ଦକ୍ଷିଣ ଭାରତ ତୀର୍ଥଯାତ୍ରାରେ ଗଲେ ୯୭୦ ବରିଷ୍ଠ ନାଗରିକ

ଭୁବନେଶ୍ୱର, ତା.୨୮/୦୨/୨୦୨୦

ଆଜି ପୂର୍ବାହ୍ନରେ ବ୍ରହ୍ମପୁର ରେଳ ଷ୍ଟେସନ୍‌ଠାରୁ ଏକ ସ୍ୱତନ୍ତ୍ର ରେଳ ଯୋଗେ ୯୭୦ ଜଣ ବରିଷ୍ଠ ନାଗରିକ ଦକ୍ଷିଣ ଭାରତର ରାମେଶ୍ୱରମ୍, ମଦୁରାଇ, ତିରୁପତି ଅଭିମୁଖେ ଯାତ୍ରା କରିଛନ୍ତି । ଏହି ସପ୍ତାହବ୍ୟାପୀ ତୀର୍ଥଯାତ୍ରାରେ ଗଜପତି, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼, କନ୍ଧମାଳ ଓ ବୌଦ୍ଧ ଏପରି ୭ଟି ଜିଲ୍ଲାର ମନୋନୀତ ବରିଷ୍ଠ ନାଗରିକ ସାମିଲ ହୋଇଛନ୍ତି । ଆଜି ଏହାକୁ ମହାଆଡମ୍ବର ସହକାରେ ବ୍ରହ୍ମପୁର ରେଳଷ୍ଟେସନ୍‌ରୁ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପତାକା ଦେଖାଇ ରେଳଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବ୍ରହ୍ମପୁର ସାଂସଦ ଶ୍ରୀ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ଶ୍ରୀ ବିକ୍ରମ କୁମାର ପଣ୍ଡା, ଛତ୍ରପୁର ବିଧାୟକ ଶ୍ରୀ ସୁବାସ ଚନ୍ଦ୍ର ବେହେରା, ପୋଲସରା ବିଧାୟକ ଶ୍ରୀ ଶ୍ରୀକାନ୍ତ ସାହୁ, କବିସୂର୍ଯ୍ୟନଗର ବିଧାୟିକା ଶ୍ରୀମତୀ ଲତିକା ପ୍ରଧାନ, ବିଜେଡ଼ି ଜିଲ୍ଲା ସଭାପତି ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ବିଜୟ ଅମୃତ କୁଲାଙ୍ଗେ, ବ୍ରହ୍ମପୁରର ଉପଜିଲ୍ଲାପାଳ ଶ୍ରୀ ସିନ୍ଧେ ଦତ୍ତାତ୍ରେୟ ବାସୁଦେବ ପ୍ରମୁଖ ଉପସ୍ଥିତ ଥିଲେ ।

ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ସମସ୍ତ ତୀର୍ଥଯାତ୍ରୀଙ୍କୁ ଶୁଭକାମନା ଜଣାଇବା ସହ ତାଙ୍କର ଆରାମଦାୟକ ଯାତ୍ରା ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ । ଏହି ଯାତ୍ରୀମାନଙ୍କ ସହିତ ୩୦ ଜଣ ଅଧିକାରୀ ଯାଇଛନ୍ତି, ଯେଉଁମାନେ ସେମାନଙ୍କୁ ସୁରୁଖୁରୁ ତୀର୍ଥାଟନରେ ସହଯୋଗ କରିବେ । ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାର ଓ ଭାରତୀୟ ରେଳବାଇ ତରଫରୁ ଆୟୋଜନ କରାଯାଇଥିବାବେଳେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପୂର୍ବ ରାତିରେ ରହିବା, ଖାଇବା ପାଇଁ ସମସ୍ତ ବନ୍ଦୋବସ୍ତ କରିଥିଲେ ।

ଆଗାମୀ ଦିନରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସମ୍ବଲପୁରରୁ ଆଗ୍ରା, ମଥୁରା ଓ ବୃନ୍ଦାବନ ଏବଂ ଭୁବନେଶ୍ୱରରୁ ପ୍ରୟାଗରାଜ ଓ ବନାରସ ତୀର୍ଥଯାତ୍ରୀଙ୍କୁ ତୀର୍ଥାଟନରେ ନେବା ବନ୍ଦୋବସ୍ତ କରାଯାଇଥିବା ଜଣାପଡ଼ିଛି ।

ସୁବାଷ ନିଆଲ
ସୂଚନା ଅଧିକାରୀ